# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୩୦ ମାର୍ଚ୍ଚ ୨୦୨୬

----

**[ଅର୍ଥ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର - ସ୍ୱରାଷ୍ଟ୍ର - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ନିତି ଆୟୋଗ ଦ୍ୱାରା କେନ୍ଦ୍ରୀୟ ସହାୟତା

***601 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନିତି ଆୟୋଗଙ୍କ ଦ୍ୱାରା ୨୦୨୬ ଆର୍ଥିକ ସ୍ୱାସ୍ଥ୍ୟସୂଚୀ ଆଧାରରେ ଆମ ରାଜ୍ୟ ଆର୍ଥିକ କ୍ଷେତ୍ରରେ କେଉଁ ପଦକ୍ଷେପ ମାନ ଗ୍ରହଣ କରିଥିବାରୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଦେଶର ସବୁଠୁ ଆର୍ଥିକ ସୁସ୍ଥ ରାଜ୍ୟର ମାନ୍ୟତା ପ୍ରାପ୍ତ କରିଛି, ଏହି ସମୟରେ ରାଜ୍ୟକୁ କେଉଁ କ୍ଷେତ୍ର ପାଇଁ କେନ୍ଦ୍ରୀୟ ସହାୟତା ରାଶି କେତେ ମିଳିଥିବା ବେଳେ ୨୦୨୪ - ୨୫ ଓ ୨୦୨୫ - ୨୬ ବର୍ଷ ପାଇଁ ସଂପୃକ୍ତ କ୍ଷେତ୍ର ପାଇଁ କେନ୍ଦ୍ରୀୟ ସହାୟତା ରାଶିର ପରିମାଣ ଓ ବିନିଯୋଗ ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ କି ?

----

### ସମସ୍ତ ଜିଲ୍ଲାରେ blood bank capacity ବୃଦ୍ଧି

***602 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ମୋଟ ରକ୍ତର ଆବଶ୍ୟକତା କେତେ ହେଉଛି ; ସରକାରଙ୍କ ପାଖେ ମୋଟ କେତେ ୟୁନିଟ୍ blood store କରିବା ପାଇଁ bank ଅଛି; ଦିନକୁ ଦିନ ଅଧିକ ରକ୍ତର ଆବଶ୍ୟକତା ହେତୁ ସମସ୍ତ ଜିଲ୍ଲାରେ ଥିବା blood bank capacity କୁ ବୃଦ୍ଧି କରିବା ପାଇଁ ସରକାର ନିଷ୍ପତ୍ତି ନେବେ କି, ଯଦି ହଁ, ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି, ଏହି ମର୍ମରେ ବାଲେଶ୍ୱର ଜିଲ୍ଲାରେ ଥିବା Blood Bank କୋଠାଟି ଜରାଜୀର୍ଣ୍ଣ ହୋଇଯାଇଥିବାରୁ ନୂତନ କୋଠା ନିର୍ମାଣ କରିବା ପାଇଁ ସରାକର ନିଷ୍ପତ୍ତି ନେବେ କି ?

----

## ଅନଲାଇନରେ ଘରଭଡା ଆଦାୟ

***603 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ସରକାରୀ ବାସଗୃହ ଓ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନରୁ ଘରଭଡା ଏବେ କେଉଁ ଉପାୟରେ ଆଦାୟ କରାଯାଉଛି ; ଅନଲାଇନରେ ଘରଭଡା ଆଦାୟ ପାଇଁ କେବେଠାରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଓ କେଉଁ କେଉଁ ସଂସ୍ଥା ଏହାକୁ କାର୍ଯ୍ୟକାରୀ କରୁଛନ୍ତି ; କେବେ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ସରକାରୀ ବାସଗୃହ ଓ ଅନ୍ୟାନ୍ୟ ପ୍ରତିଷ୍ଠାନର ଘରଭଡା ବ୍ୟବସ୍ଥା କାର୍ଯ୍ୟକାରୀ ହେବ?

----

## ଗାଜଲ ବାଡି ଠାରେ ନୂତନ Out Post ପ୍ରତିଷ୍ଠା

***604 ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲା ସୋରଡା ନିର୍ବାଚନ ମଣ୍ଡଳୀ ଶେଷରେ ଗାଜଲ ବାଡି ଅବସ୍ଥିତ ଗାଜଲ ବାଡି ଓଡିଶାର କାଶ୍ମୀର ଏବଂ ଏହା କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡିକୁ ଲାଗି ରହିଅଛି, ଦାରିଙ୍ଗିବାଡି ଅଞ୍ଚଳ ଏକ ଦୂର୍ଗମ ଅଞ୍ଚଳ ଏବଂ ଉକ୍ତ ଦାରିଙ୍ଗିବାଡିକୁ ଲାଗି ସୋରଡା ନିର୍ବାଚନ ମଣ୍ଡଳୀର ଗାଜଲ ବାଡି ଗ୍ରାମ ପଞ୍ଚାୟତ ଥିବାରୁ ଉକ୍ତ ପଞ୍ଚାୟତ ସୋରଡା ଥାନା ଠାରୁ ଦୂରରେ ଥିବାରୁ ହଠାତ୍ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଏହାକୁ ସମାଧାନ କରିବାପାଇଁ ଗାଜଲ ବାଡି ଗ୍ରାମ ପଞ୍ଚାୟତ ଠାରେ ଏକ Police Out Post କରିବାପାଇଁ ସରକାର ପଦକ୍ଷେପ ନେବେ କି ?

----

## ମଞ୍ଜୁର ହୋଇଥିବା ପାଣ୍ଠିକୁ ଖର୍ଚ୍ଚ

***605 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- IIIT, Bhubaneswar ର ନିର୍ଦ୍ଦେଶକ ଗୋଟିଏ ମାସ ଧରି ସରକାରୀ ଅନୁମୋଦନ ବିନା ବିଦେଶ ଗସ୍ତ ବ୍ୟକ୍ତିଗତ ଭାବରେ କରିଛନ୍ତି ଏବଂ ଏକ ସରକାରୀ ପ୍ରିମିୟମ ଅନୁଷ୍ଠାନ ନିର୍ଦ୍ଦେଶକଙ୍କ ବିନା ଚାଲୁଛି ଯାହାର ବହୁ ସଂଖ୍ୟକ ଫାଇଲ ଫୈସଲା ପାଇଁ ବିଚାରଧୀନ ଅଛି, କେତେ ଓ କି କି ପ୍ରକାର ଫାଇଲ ନିର୍ଦ୍ଦେଶକଙ୍କ ଅନୁମୋଦନ ପାଇଁ ବିଚାରଧୀନ ଅଛି, ନିର୍ଦ୍ଦେଶକଙ୍କ ଅନୁପସ୍ଥିତରେ ମାର୍ଚ୍ଚ ମାସରେ ନିର୍ଦ୍ଦିଷ୍ଟ ଭାବରେ ମଞ୍ଜୁର ହୋଇଥିବା ପାଣ୍ଠିକୁ କିପରି ଖର୍ଚ୍ଚ କରାଯିବ, ନିର୍ଦ୍ଦେଶକଙ୍କ ଏହି ନିଷ୍କ୍ରିୟତା ପାଇଁ କେତେ ପରିମାଣର ପାଣ୍ଠି ବ୍ୟବହୃତ ହୋଇପାରିନାହିଁ ?

----

## ଚଳିତ ବର୍ଷ କେତେ ଟଙ୍କା surrender ହେବ

*606 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୫ - ୨୦୨୬ ଆର୍ଥିକ ବର୍ଷ ପାଇଁ BE ରେ କେତେ ଟଙ୍କା ଏବଂ Supplementary Budget ରେ କେତେ ଟଙ୍କା ସରକାର ପ୍ରସ୍ତାବ କରିଥିଲେ, ଉକ୍ତ ଟଙ୍କାରୁ Receipt ଏବଂ Expenditure ର ଏକ ସବିଶେଷ ପୁଙ୍ଖାନୁପୁଙ୍ଖ ତାଲିକା Department wise ଦେବେ କି, ଚଳିତ ବର୍ଷ କେତେ ଟଙ୍କା surrender ହେବ ?

----

## ଖାଲିଥିବା Asst, Professor ପଦବୀ ପୂରଣ

*607 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାରିପଦା ମଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜରେ ଥିବା ଖାଲିଥିବା Asst Professor ଓ ଅନ୍ୟାନ୍ୟ ପଦବୀ କେତେ ଖାଲି ଅଛି ତାହା କେବେ ସୁଦ୍ଧା ପୂରଣ କରାଯିବ ?

----

## ବହୁତଳ ବିଶିଷ୍ଟ ବାସଗୃହ ନିର୍ମାଣ

*608 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱରରେ ଥିବା କେଉଁ ୟୁନିଟରେ କେତେଗୋଟି କେଉଁ ବର୍ଗର ଏକ ମହଲା ବିଶିଷ୍ଟ ସରକାରୀ ବାସଗୃହ ଅଛି, ଏହି ବାସଗୃହ ଗୁଡ଼ିକ ଅଧିକ ଜାଗା ମାଡ଼ି ବସିଥିବାରୁ ଏହାକୁ ଭାଙ୍ଗି ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣ କରି ଅଧିକାରୀ ଓ କର୍ମଚାରୀଙ୍କ ବାସଗୃହ ସମସ୍ୟା ଦୂରୀଭୁତ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପ୍ରତ୍ୟେକ ଥାନାର ନିଜସ୍ୱ ଗୃହ ନିର୍ମାଣ

*609 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ଗୃହ ବିଭାଗ ଅଧୀନରେ ଥିବା କେଉଁ କେଉଁ ଥାନାର ନିଜସ୍ୱ କୋଠା ବର୍ତ୍ତମାନ ସୁଦ୍ଧା ନାହିଁ; ପ୍ରତ୍ୟେକ ଥାନାର ନିଜସ୍ୱ କୋଠା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## Adequate broadband & mobile network

*610 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether all Gram Panchayats and Government institutions in Balangir district have been

provided with adequate broadband internet and mobile network connectivity; (b) the number of Common Service Centres functioning in the district and the digital services being provided to citizens; and the steps taken by the Government to expand e-governance services, improve digital infrastructure and promote digital literacy in rural areas of the district?

----

## ମୋଟ୍ ବଜେଟ୍ ରୁ ଅର୍ଥ ବ୍ୟୟ

*611 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2024-25 ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗ ପାଇଁ ବ୍ୟୟବରାଦ ହୋଇଥିବା ମୋଟ ବଜେଟ୍ ଅର୍ଥରୁ କେତେ ପ୍ରତିଶତ ଅର୍ଥ ବ୍ୟୟ ହୋଇଛି ଏବଂ କେଉଁ କେଉଁ ପ୍ରମୁଖ ବିଭାଗରେ ବ୍ୟୟ ହୋଇନଥିବା ଅର୍ଥର ପରିମାଣ ଅଧିକ ରହିଛି (କ) ସେହି Unspent Balance ଫେରସ୍ତ ଆସିବା ପଛରେ ଥିବା ପ୍ରମୁଖ କାରଣ ଗୁଡ଼ିକ କ'ଣ ; (ଖ) ବିଭାଗ ଗୁଡ଼ିକରେ ବଜେଟ୍ ଅର୍ଥ ଖର୍ଚ୍ଚ କରିବାର ହାର ବୃଦ୍ଧି ନିମନ୍ତେ ସରକାର କୌଣସି ନୂତନ 'ମନିଟରିଂ ମେକାନିଜିମ୍' କିମ୍ବା ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି କି ?

----

## ବରଗଡ଼ କ୍ୟାନ୍ସର ହସ୍ପିଟାଲକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବା

*612 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବରଗଡ଼ରେ ୨୦୨୩ ମସିହାରେ ସ୍ଥାପିତ କ୍ୟାନସର ହସପିଟାଲକୁ ସ୍ୱୟଂ ସମ୍ପୂର୍ଣ୍ଣ କ୍ୟାନସର ହସପିଟାଲ କରିବା ସକାଶେ ନିଷ୍ପତ୍ତି କରାଯାଇଥିଲା, ବର୍ତ୍ତମାନ ଉକ୍ତ ହସ୍ପିଟାଲରେ କେତେ ଜଣ ଡ଼ାକ୍ତର, ପାରା-ମେଡ଼ିକାଲ୍ ଷ୍ଟାଫ ଏବଂ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟରତ ଅଛନ୍ତି, ସରକାର କେବେ ସୁଦ୍ଧା ପଶ୍ଚିମ-ଓଡିଶାର ଏକ ମାତ୍ର କ୍ୟାନସର ହସପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବେ ?

----

## ଜନ ଶୁଣାଣି

*613 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଜନ ଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାସ୍ତରରେ ବହୁ ସଂଖ୍ୟକ ଅଭିଯୋଗ ଆସୁଥିଲେ ମଧ୍ୟ ସେଗୁଡ଼ିକର ସମାଧାନ ହାର କେତେ ଏବଂ ବାରମ୍ବାର ଆସୁଥିବା ଅଭିଯୋଗ ଗୁଡ଼ିକର ସ୍ଥାୟୀ Monitoring ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ; (ଖ) "ମୋ ସରକାର" ବ୍ୟବସ୍ଥାରେ କେତେଜଣ ଅଧିକାରୀଙ୍କ ବିରୁଦ୍ଧରେ ଦୁର୍ନିତୀ ବା କାର୍ଯ୍ୟରେ ଅବହେଳା ପାଇଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ପୋଲିସ୍ ମେଡାଲ ପାଇବା ପାଇଁ ଚୟନ କମିଟି

***614 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଷ୍ଟ୍ରପତି Police Medal ଓ ରାଜ୍ୟପାଳ ପୋଲିସ୍ ମେଡାଲ୍ ପାଉଥିବା ସମ୍ମାନୀୟ Police କର୍ମଚାରୀମାନଙ୍କୁ (ଓଡିଶାର) କେଉଁ କମିଟି ଚୟନ କରିଥାଏ, ଚୟନ କମିଟିରେ ସଫଳତା ହାସଲ ପାଇଁ criteria କଣ କଣ ଥାଏ, ସେହିପରି ଜଣେ Police ର୍ମଚାରୀ ତାଙ୍କର ଚାକିରି ପିରିଅଡ ଭିତରେ ଏକାଧିକ ଥର ରାଷ୍ଟ୍ରପତି Police Medal ଓ ରାଜ୍ୟପାଳ Police Medal ପାଇଁ ଚୟନ ହୋଇପାରିବେ କି ?

----

## ପ୍ରତ୍ୟେକ ବିଭାଗରେ PMU ନିଯୁକ୍ତି

***615 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶା ସରକାରଙ୍କ ପ୍ରତ୍ୟେକ ବିଭାଗରେ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍ (PMU) କିମ୍ବା କନସଲ୍ଟାଣ୍ଟ ନିଯୁକ୍ତ କରାଯାଇଛି କି ; (ଖ) ଯଦି ହଁ, ତେବେ କେଉଁ କେଉଁ ବିଭାଗରେ କେଉଁ କେଉଁ କନସଲ୍ଟାଣ୍ଟ/ସଂସ୍ଥାଙ୍କୁ ନିଯୁକ୍ତ କରାଯାଇଛି ଏବଂ କେତେ ସଂଖ୍ୟକ PMU କାର୍ଯ୍ୟରତ ଅଛନ୍ତି, ଏମାନଙ୍କୁ କେଉଁ ଆଧାରରେ ସିଲେକ୍ସନ କରାଯାଉଛି, ଏହି କନସଲ୍ଟାଣ୍ଟ ମାନଙ୍କୁ କେଉଁ କାର୍ଯ୍ୟ ପାଇଁ ନିଯୁକ୍ତ କରାଯାଇଛି ଓ କଣ କଣ ସୁବିଧା ଓ ଫଳାଫଳ ମିଳିଛି ଏବଂ କନସଲ୍ଟାଣ୍ଟ ମାନଙ୍କ ପାଇଁ ବିଭାଗ ଭିତ୍ତିକ ଭାବେ ପ୍ରତିବର୍ଷ କେତେ ଅର୍ଥ ବ୍ୟୟ କରାଯାଉଛି?

----

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସ-ରେ ମେସିନ୍ ସ୍ଥାପନ

***616 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲାର କେଉଁ କେଉଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସ-ରେ ମେସିନ୍ ସ୍ଥାପନ କରାଯାଇଛି ଏବଂ ସେଥିମଧ୍ୟରୁ ବର୍ତ୍ତମାନ କେତୋଟି କାର୍ଯ୍ୟକ୍ଷମ ଅଛି, କେଉଁ କେଉଁ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ଭାବେ ନାହିଁ, (ଖ) ଜିଲ୍ଲାର କେଉଁ କେଉଁ ଚିକିତ୍ସାଳୟରେ ମେସିନ୍ ଥାଇ ମଧ୍ୟ ରେଡିଓଗ୍ରାଫର ନଥିବା ଯୋଗୁଁ କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେବା ବନ୍ଦ ରହିଛି କି, ତାହାର ଏକ ଚିକିତ୍ସାଳୟ ୱାରୀ ବିବରଣୀ ପ୍ରଦାନ କରିବେ କି, କେବେ ସୁଦ୍ଧା ନୂତନ ଏକ୍ସ-ରେ ମେସିନ୍ ଯୋଗାଇ ଦିଆଯିବ ଏବଂ ଖାଲିଥିବା ରେଡିଓଗ୍ରାଫର ପଦବୀ କେବେ ସୁଦ୍ଧା ପୂରଣ ହେବ ?

----

## ପଦବୀ ପୂରଣ

***617 ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- G.A. & P.G. (Rent) ବିଭାଗରେ ଗତ ୩ ବର୍ଷ ମଧ୍ୟରେ ST & SC ବର୍ଗ ପାଇଁ ପଦୋନ୍ନତି କ୍ଷେତ୍ରରେ କେତୋଟି ପଦ ଖାଲି ପଡିଛି ଓ ଉକ୍ତ ସମୟ ମଧ୍ୟରେ ସେହି ପଦ ମାନଙ୍କ ମଧ୍ୟରୁ କେତୋଟି ପଦ ପୂରଣ କରାଯାଇଛି ଓ କେତୋଟି ପଦ ବର୍ତ୍ତମାନ ସୁଦ୍ଧା ଖାଲି ପଡିଛି ସେଗୁଡିକ ପୂରଣ ନ ହେବାର କାରଣ କଣ ଏବଂ କେବେ ସୁଦ୍ଧା ଏହି ପଦ ଗୁଡିକ ପୂରଣ କରାଯିବ ?

----

## ସୋରୋ ଠାରେ SPDO କାର୍ଯ୍ୟାଳୟ ସ୍ଥାପନ

***618** **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅଣତାରକା ପ୍ରଶ୍ନ-1357, ତା.23.02.2026 ର ଉତ୍ତରରେ ସୋରୋ ଠାରେ SPDO କାର୍ଯ୍ୟାଳୟ ସ୍ଥାପନ ପାଇଁ ଆରକ୍ଷୀ ଅଧିକ୍ଷକ ବାଲେଶ୍ୱରଙ୍କ ନିକଟରୁ ହସ୍ତଗତ ହୋଇଥିବା ପ୍ରସ୍ତାବଟି ରାଜ୍ୟ ପୋଲିସ ସଦର ମହକୁମାରେ ଅନୁଧ୍ୟାନ କରାଯାଉଅଛି ବୋଲି ସରକାର ଉତ୍ତର ପ୍ରଦାନ କରିଅଛନ୍ତି ; ତେବେ, କେବେ ସୁଦ୍ଧା ସୋରୋ ଠାରେ SPDO କାର୍ଯ୍ୟାଳୟ ସ୍ଥାପନ ପାଇଁ ବିଭାଗ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ନିଷ୍ପତ୍ତି ନେବେ ସମସ୍ତ ତଥ୍ୟ ପ୍ରଦାନ କରିବେ କି ?

----

## ରାଜସ୍ୱ ଅଭିବୃଦ୍ଧିର ମାର୍ଗ, ନୀତି ଓ କାର୍ଯ୍ୟକ୍ରମ

***619** **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ସରକାର କେବଳ ଖଣି ରାଜସ୍ୱ ଉପରେ ନିର୍ଭର କରୁଛନ୍ତି କି; ଉତ୍ତର ହଁ ହେଲେ ସମୁଦାୟ ରାଜସ୍ୱ ଆଦାୟର ୨୦୨୪-୨୫ ଓ ଚଳିତବର୍ଷ ଏପର୍ଯ୍ୟନ୍ତ ଶତକଡ଼ା କେତେ ଶତାଂଶ ସରକାର ପାଇଛନ୍ତି ଏବଂ ଅନ୍ୟ କେଉଁ ବାବଦରୁ କେତେ ଶତାଂଶ ପାଇଛନ୍ତି; ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ରାଜସ୍ୱ ଅଭିବୃଦ୍ଧିର ମାର୍ଗ, ନୀତି, କାର୍ଯ୍ୟକାରୀତା ସମ୍ପର୍କରେ କେଉଁ ଆଧାର ଉପରେ ନିର୍ଭର କରାଯାଉଛି ?

----

## Show causes notices to four Hospitals

***620** **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The government issued show-cause notices to four private hospitals for failing to provide cashless treatment under state health schemes; What penalties have been imposed and how many similar complaints were registered till March 2026 ?

----

## ଯାଜପୁର ରୋଡ୍ ଠାରେ ଥିବା ସାଇବର କ୍ରାଇମ୍ ଥାନା

***621** **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ରୋଡ୍ ଠାରେ ପ୍ରତିଷ୍ଠା ହୋଇଥିବା ସାଇବର କ୍ରାଇମ୍ ଥାନା ଦ୍ୱାରା 'ସାଇବର ସୁରକ୍ଷା ଅଭିଯାନ' ମାଧ୍ୟମରେ ଚଳିତ ଆର୍ଥିକ ବର୍ଷ ଯାଜପୁର ଜିଲ୍ଲାରେ କେତୋଟି ସଚେତନତା ଶିବିର ଆୟୋଜନ କରାଯାଇଛି, ତାହାର ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କୁ ଅନଲାଇନ୍ ଠକାମିରୁ ତୁରନ୍ତ ରକ୍ଷା କରିବା ପାଇଁ ବଡ଼ଚଣା ବ୍ଲକର ପ୍ରତିଟି ପଞ୍ଚାୟତରେ ଥିବା 'ମୋ ସେବା କେନ୍ଦ୍ର' ବା CSC ଗୁଡ଼ିକରେ 'ସାଇବର ହେଲ୍ପ-ଡେସ୍କ' ସ୍ଥାପନ କରିବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି, ଯଦି ହଁ, ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଆବଣ୍ଟିତ ଅର୍ଥରାଶିକୁ ସମୟୋପଯୋଗୀ ବିନିଯୋଗ

*622 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ବଜେଟରେ ବିଭିନ୍ନ ବିଭାଗ ପାଇଁ ଆବଣ୍ଟିତ ଅର୍ଥରାଶିକୁ ସମୟୋପଯୋଗୀ ବିନିଯୋଗ କରିବାପାଇଁ ପ୍ରତି ତିନିମାସରେ ଥରେ ଏହାକୁ ସମୀକ୍ଷା କରାଯାଇ ଆବଣ୍ଟିତ ଅର୍ଥର ବିନିଯୋଗ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଆୟୁଷ୍ମାନ ଯୋଜନାରେ ରୋଗୀ ସେବା

*623 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆୟୁଷ୍ମାନ ଯୋଜନାରେ କେତେକ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉ ନଥିବା କାରଣରୁ ରୋଗି ଅସୁବିଧାରେ ସମ୍ମୁଖୀନ ହେଉଥିବା ଘଟଣା ସରକାର ଜାଣନ୍ତି କି; ଯଦି ଜାଣନ୍ତି, ତେବେ ଏହି ସମସ୍ୟାର ସମାଧାନ ପାଇଁ ଉପଲବ୍ଧ ହେଉନଥିବା ସ୍ୱାସ୍ଥ୍ୟସେବା ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବେ କି ?

----

## ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା

*624 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ତିର୍ତ୍ତୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର ସମସ୍ତ ପୋଲିସ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମାର କୌଣସି ବ୍ୟବସ୍ଥା ନାହିଁ, ପୋଲିସ କର୍ମଚାରୀମାନଙ୍କ କାର୍ଯ୍ୟ ସଦାସର୍ବଦା ବିପଦ ସଙ୍କୁଳ ମଧ୍ୟରେ ରହିଥାଏ, ଏ ଦୃଷ୍ଟିରୁ ବିଭାଗ ସମସ୍ତ ବିଷୟକୁ ବିଚାର କରି ସମଗ୍ର ପୋଲିସ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟ ବୀମାର ବ୍ୟବସ୍ଥା କରିବେ କି ?

----

## ବରାଦ ବଜେଟ ଅର୍ଥ ଖର୍ଚ୍ଚ ନ ହେବର କାରଣ

*625 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ କେଉଁ ବିଭାଗ ପାଇଁ କେତେ ଅର୍ଥ ବଜେଟ୍ ଅନୁଦାନ ହୋଇଥିଲା ଓ ସଂପୃକ୍ତ ବିଭାଗ କେତେ ଅର୍ଥ ବ୍ୟୟ କରିଥିଲେ ଏବଂ କେତେ କେଉଁ କାରଣ ପାଇଁ ଖର୍ଚ୍ଚ ହୋଇ ପାରିନଥିଲା ତାର କାରଣ ସହ ଏକ ବିଭାଗୱାରୀ ତାଲିକା ଦେବା ସହ, (ଖ) ୨୦୨୪-୨୫ ତୁଳନାରେ ଖର୍ଚ୍ଚର ହାର ବୃଦ୍ଧି କିମ୍ବା କମ୍ ହୋଇଛି ତାର ଏକ ମୂଲ୍ୟାୟନ ଦେବା ସହିତ ୨୦୨୬-୨୭ ବର୍ଷ ପାଇଁ କେଉଁ ବିଭାଗକୁ କେତେ ଅନୁଦାନର ବ୍ୟବସ୍ଥା ରହିଛି?

----

## ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

***626 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ୍ୟାପିଟାଲ ହସ୍ପିଟାଲରେ ବିଗତ ତିନି ବର୍ଷରେ କେତେ ଜଣ ଗର୍ଭବତୀ ମହିଳା ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟ ସେବାର ସୁଯୋଗ ପାଇଥିବାବେଳେ କେତେଜଣ ମହିଳା ପ୍ରସବ ନିମନ୍ତେ ଭର୍ତ୍ତୀ ହୋଇଥିଲେ ତନ୍ମଧ୍ୟରୁ କେତେ ଜଣ ସ୍ୱାଭାବିକ ପ୍ରସବ କରିଥିବାବେଳେ କେତେ ଜଣ ଅସ୍ତ୍ରୋପ୍ରଚାର ଦ୍ୱାରା ସନ୍ତାନ ଜନ୍ମ ନେଇଛନ୍ତି, ଏହି ପ୍ରସୁତି ଓ ନବଜାତ ଶିଶୁଙ୍କ ମଧ୍ୟରୁ

----

## ଅଗ୍ନି ନିରପତ୍ତା Certificate ହାସଲ

***627 ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ସମସ୍ତ ସ୍କୁଲ, କଲେଜ CHC, PHC, Health Centre ବୈଷୟକ ଶିକ୍ଷା ଅନୁଷ୍ଠାନ ଏବଂ ସମସ୍ତ ଘରୋଇ ଶିକ୍ଷା ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ଯନ୍ତ୍ର (Fire safety certificate) ହାସଲ କରିଛନ୍ତି କି, ଯଦି ଉତ୍ତର ନାଁ, ସରକାର ଏଦିଗରେ କଣ ପଦକ୍ଷେପ ନେଇଛନ୍ତି କେବେ ସୁଦ୍ଧା ଲାଗିବ ?

----

## ରାୟଗଡ଼ା ଓ କୋରାପୁଟ ଜିଲ୍ଲା ମେଡ଼ିକାଲକୁ ପ୍ରେରିତ ହୋଇଥିବା ଯନ୍ତ୍ରାଂଶ

***628 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୩ ବର୍ଷରେ ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ମେଡ଼ିକାଲକୁ ପ୍ରେରିତ ଯନ୍ତ୍ରମାନଙ୍କର ପରିଚାଳନା କାହାଦ୍ୱାରା ହେଉଛି – ସେଥିର ସବିଶେଷ ତଥ୍ୟ ପ୍ରଦାନ କରିପାରିବେ କି; କେଉଁ ଯନ୍ତ୍ରଗୁଡ଼ିକ ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇନଥିବାରୁ ପଡ଼ିରହିଛି – ସେଗୁଡ଼ିକର ବିବରଣୀ ପ୍ରକାଶ କରିପାରିବେ କି; ଯେଉଁ ଯନ୍ତ୍ରଗୁଡ଼ିକ AMC (Annual Maintenance Contract) ରେ ରହିଛି ?

----

## ପୁରୁଣା ଜାଗାରେ ଧର୍ମଗଡ଼ ଥାନାର କୋଠା ନିର୍ମାଣ

***629 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଧର୍ମଗଡ଼ ଥାନା ସହର ଠାରୁ ଚାରି କିଲୋମିଟର ଦୂରରେ ଥିବା ପୋଲିସ ବ୍ୟାରେକର ଏକ କୋଠାକୁ ପୁରୁଣା ଗୃହ ଜରାଜୀର୍ଣ୍ଣ ହୋଇଥିବାରୁ ଏହାକୁ ସାମୟିକ ଭାବେ ପୋଲିସ ବ୍ୟାରେକର ପ୍ରଶାସନିକ କୋଠାକୁ ସ୍ଥାନାନ୍ତର କରାଯାଇଥିଲା, ବର୍ତ୍ତମାନ ନୂତନ ଥାନା କୋଠା ନିର୍ମାଣ ପାଇଁ ଗୃହ ବିଭାଗ ନିଷ୍ପତ୍ତି ନେଇଛି କି, ଧର୍ମଗଡ଼ ଥାନାକୁ ସହର ମଧ୍ୟରେ ଥିବା ନିଜସ୍ୱ ପୁରୁଣା ଜାଗାରେ ନିର୍ମାଣ କରିବା ନିର୍ଦ୍ଦେଶ ଦେବେ କି ?

----

### ଆନନ୍ଦପୁର SDHରେ Ultrasound machine ର ସୁବିଧା

*630 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ SDH ଉପରେ ଚାରୋଟି ଜିଲ୍ଲା କେନ୍ଦୁଝର, ଯାଜପୁର, ଭଦ୍ରକ ଓ ମୟୁରଭଞ୍ଜରୁ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି ; ପ୍ରାୟତ 25 ଲକ୍ଷରୁ ଉର୍ଦ୍ଧ ଲୋକ ଏହା ଉପରେ ନିର୍ଭର କରନ୍ତି ; SDH ରେ ଯେଉଁ ଏକ ମାତ୍ର Ultrasound machine ଅଛି ତାହା କେବଳ ପ୍ରସୂତିମାନଙ୍କ ପାଇଁ ଉପଲବ୍ଧ ଥିବାବେଳେ ଅଲଗା ରୋଗୀମାନଙ୍କୁ ବାହାରୁ Ultrasound କରିବାକୁ ପଡୁଛି ; ଏ ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ଅଛନ୍ତି ଆଉ ଏକ Ultrasound machine ର ସୁବିଧା କରିବା ପାଇଁ ସରକାର ପଦକ୍ଷେପ ନେବେ କି?

----